# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 31st March - 2025
*********************************

***Desk***

## ଓଡ଼ିଆ ପକ୍ଷ

ଏପ୍ରିଲ୍ ୧ ତାରିଖ ଉତ୍କଳ ଦିବସରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିରେ ବ୍ଲକ୍ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହିତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଆସନ୍ତାକାଲି ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ ହୋଇଥିବା ଅବସରରେ ଓଡ଼ିଶା ଦିବସ ପାଳନ କରାଯିବ । ଏପ୍ରିଲ୍ ୨ରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ୩ତାରିଖରେ ଆମ ପୋଷାକ ଆମ ପରିଚୟ, ୪ ତାରିଖରେ ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ, ୫ ତାରିଖରେ ମାରାଥନ ଆୟୋଜନ କରାଯିବ ।

ସେହିପରି ଏପ୍ରିଲ୍ ୬ ତାରିଖରେ ମନ୍ଦିର ଓ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା ଅଭିଯାନ, ୭ରେ ବର୍ଣ୍ଣବୋଧ ଉତ୍ସବ, ୮ ତାରିଖରେ ରକ୍ତଦାନ ଶିବିର, ୯ରେ ଆସ ବହିକିଣିବା, ୧୦ ତାରିଖରେ ଲୋକକଳା ଦିବସ, ୧୧ରେ ଯୁବ

ଲେଖକ ସମ୍ମିଳନୀ, ୧୨ରେ ସାହିତ୍ୟ ଆଲୋଚନାଚକ୍ର, ୧୩ରେ ଆମ ରୁଚି ଆମ ଖାଦ୍ୟ ଏବଂ ଏପ୍ରିଲ୍ ୧୪ ତାରିଖରେ ଓଡ଼ିଆ ନବବର୍ଷ ପାଳନ କରାଯିବ । ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି :

***Voice*** :.......

***Desk***

# ରାଜ୍ୟପାଳ - ଉଗାଡ଼ି

ରାଜଭବନରେ ଉଗାଡ଼ି ଏବଂ ଗୁଡ଼ି ପଡ଼ୱା ପର୍ବ ପାଳିତ ହୋଇଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଏହି ଅବସରରେ କହିଛନ୍ତି, ବିଭିନ୍ନ ପର୍ବପର୍ବାଣି ଆମ ଜାତିର ସାଂସ୍କୃତିକ ବିଶେଷତ୍ୱକୁ ପ୍ରତିଫଳିତ କରୁଛି । 'ବିବିଧତା ମଧ୍ୟରେ ଏକତା' ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଭାବନାକୁ ଏହା ଋଦ୍ଧିମନ୍ତ କରୁଛି ବୋଲି ରାଜ୍ୟପାଳ କହିଛନ୍ତି । ସମାରୋହରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

***Desk***

# ଇଦ୍-ଉଲ୍-ଫିତର

ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପବିତ୍ର ଇଦ୍-ଉଲ୍-ଫିତର ପାଳନ କରୁଛନ୍ତି । ଏକ ମାସ ଧରି ରୋଜା ଶେଷ ହେବା ପରେ

ମୁସଲମାନ ଭାଇଭଉଣୀମାନେ ଆଜି ଇଦ୍ ପାଳନ କରୁଛନ୍ତି । ମସଜିଦ୍ ଓ ଇଦ୍‌ଘା ପଡିଆରେ ସମୂହ ନମାଜପାଠ ଅନୁଷ୍ଠିତ ହେଉଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ଇଦ୍ ପାଳନ ଏବଂ ନମାଜ ପାଠ ସମ୍ବାଦ ଆମର ହସ୍ତଗତ ହେଉଛି । ଇଦ୍ ଉପଲକ୍ଷେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶାନ୍ତି, ମୈତ୍ରୀ ଓ ଉଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବାକୁ ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

ଇଦ୍ ପର୍ବ ପାଇଁ କଟକ, ସମ୍ବଲପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

***Desk***

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ସରକାରୀ ଛୁଟି ଦିନ ଥିବା ହେତୁ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି କାର୍ଯ୍ୟକ୍ରମ ହେବନାହିଁ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*Cuttack/R*

# ଗଙ୍ଗାଧର ରଥ ସମ୍ମାନ

ସାହିତ୍ୟିକଙ୍କ ମଧ୍ୟରେ କୌଣସି ସ୍ୱାର୍ଥ ନ ଥାଏ ଓ ସେମାନେ ନିଃସ୍ୱାର୍ଥପରଭାବେ ସାହିତ୍ୟ ସୃଷ୍ଟି କରିଥା'ନ୍ତି ବୋଲି ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି । ଗତକାଲି କଟକ କଳାବିକାଶ କେନ୍ଦ୍ରରେ ଆୟୋଜିତ ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନର ୩୦ତମ ସମ୍ମାନ ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମହତାବ ବିଶିଷ୍ଟ ସାହିତ୍ୟିକ ଶୈଳଜ ରବିଙ୍କୁ ସାିହତ୍ୟ ଭାରତ ସମ୍ମାନ ପ୍ରଦାନ କରିଥିଲେ । ସେହିଭଳି ଡାକ୍ତର ଫାଲ୍‌ଗୁନୀ ରାୟଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ଓ କବି ସୂର୍ଯ୍ୟ ମିଶ୍ରଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

*Desk*

# ଖସାପଡ଼ା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ସୋମବାର ଚୈତ୍ର ଶୁକ୍ଳ ଦ୍ୱିତୀୟ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣରୁ ୫ ଘଣ୍ଟା ପର୍ଯ୍ୟନ୍ତ ଏହି ଗୁପ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

ଅନ୍ୟପକ୍ଷରେ, ଆସନ୍ତା ଏପ୍ରିଲ ୨ ତାରିଖ ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

***Kandhamal/R***

## ଜନସମ୍ପର୍କ ଶିବିର

କନ୍ଧମାଳ ଜିଲ୍ଲାର ମାଓପ୍ରବଣ ଅଞ୍ଚଳ ଗୋଛାପଡ଼ା ଥାନା ପକ୍ଷରୁ ସର୍ଲାଗୁଡ଼ା ମୁଣ୍ଡାସାହିରେ ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି । କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରୀଶ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେି ପୁଲିସ୍' ଲୋକମାନଙ୍କ ମିତ୍ର ଭଳି କାମ କରୁଛି ବୋଲି କହିଛନ୍ତି । ପୁଲିସ୍ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳ ବିକାଶ ହେବ ବୋଲି ଶ୍ରୀ ବିଶି କହିଛନ୍ତି ।

***Desk***

## ପାଣିପାଗ

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ଘଟିବ ନାହିଁ । ଗତକାଲି ରାଜ୍ୟର ୮ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍

ଉପରେ ରହିଥିଲା । ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୮ ଡିଗ୍ରୀ ରେକର୍ଡ଼ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୧ ଦଶମିକ ୬ ଓ ସମ୍ବଲପୁରରେ ୪୧ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ଼ କରାଯାଇଥିଲା ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, ବୌଦ୍ଧ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଢ଼େଙ୍କାନାଳ ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି ।

*****